بسم الله الرحمن الرحيم

**ଖୁତବା ଜୁମା ୨୨ ମଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

# *ରମଜ୍ଜାନ୍ ମାସର ଅତିକ୍ରମ କରିଯିବା କୌଣସି ଅହେମଦିକୁ ଅଲ୍ଲାଃତାଲାଙ୍କ ଉପାସନା ଏବଂ ପୁଣ୍ୟ କର୍ମଗୁଡ଼ିକୁ ସମାପ୍ତକାରୀରେ ରୂପାନ୍ତରିତ ନ କରିଦେଉ କିମ୍ବା ସେଗୁଡ଼ିକୁ ନ୍ୟୁନକାରୀ ନ କରିଦେଉ ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ମୁଁ ସର୍ବପ୍ରଥମେ ସେହି ଅହେମଦିମାନଙ୍କର କୃତଜ୍ଞତା ଜ୍ଞାପନ କରୁଅଛି ଯେଉଁମାନେ ବିଗତ ଦିନରେ ମୋର କ୍ଷତାକ୍ତ ହେବା ଯୋଗୁଁ ମୋ ପ୍ରତି ଆସାଧାରଣ ଭାବ ପ୍ରବଣତା ପ୍ରଦର୍ଶନ କରିଛନ୍ତି ଏବଂ ଅତ୍ୟନ୍ତ ସ୍ପନ୍ଦନଶୀଳ ହୋଇ ମୋ ପାଇଁ ଦୁଆ କରିଛନ୍ତି । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏହାର ପ୍ରତିଫଳ ପ୍ରଦାନ କରନ୍ତୁ, ଆପଣମାନଙ୍କୁ ନିଷ୍ଠାରେ ଉନ୍ନତି କରିବାକୁ ବା ଉନ୍ନୀତ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସାଂପ୍ରତିକ ଯୁଗରେ ଅଲ୍ଲାଃତାଲାଙ୍କ ପାଇଁ ଏବଂ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ପାରସ୍ପରିକ ପ୍ରେମଭାବ ଏବଂ ବିଶେଷ କରି ଉପସ୍ଥିତ ଖଲିଫାଙ୍କ ସହିତ ଏହିଭଳି ନିଷ୍ଠା ଏବଂ ବିଶ୍ୱସ୍ତତତାର ଉଦାହରଣ କେବଳ ଜମାଅତେ ଅହେମଦିୟାରେ ହିଁ ଦେଖିବାକୁ ମିଳୁଅଛି । ଏହି ଦ୍ୱିବିଧ ବା ଉଭୟ ପକ୍ଷ ପ୍ରେମ ଅଲ୍ଲାଃତାଲାଙ୍କ ଦ୍ୱାରା ଜାତ ହୋଇଅଛି । ଏଠାରେ ଏହା ମଧ୍ୟ ଜ୍ଞାତ ହେଉ ନାହିଁ ଯେ, କେଉଁ ବ୍ୟକ୍ତି କାହା ପ୍ରତି କେତେ ସମବେଦନା ଜଣାଉଅଛି । ସେ ଯାହା ହେଉ ନା କାହିଁକି ଏହା ଏଭଳି ଏକ ସଂପର୍କ ଅଟେ ଯେ, ଯାହା ସାସାଂରିକ ବନ୍ଧନ ବା ସଂପର୍କରେ ମଧ୍ୟ ଏହାର ଉଦାହରଣ ପରିଲକ୍ଷିତ ହୋଇ ନଥାଏ । ଏହି କ୍ଷତାକ୍ତ ଯୋଗୁଁ ମୋର ଯାହା ଅଭିଜ୍ଞତା ହେଲା ତାହା ମଧ୍ୟ ମୁଁ କହିଦେଉଛି । ମୁଁ ମରହମେ ଇସା (ହଜ଼ରତ୍ ଇସା ଅ.ସଙ୍କ ମଲମ) ବ୍ୟବହାର କରିଥିଲି । ସେହିପରି ହୋମିଓପ୍ୟାଥି ଔଷଧ କ୍ୟାଲେଣ୍ଡୁଲା ମଧ୍ୟ ବ୍ୟବହାର କରିଥିଲି । କିନ୍ତୁ ପ୍ରକୃତ କୃପା ହେଉଛି ଅଲ୍ଲାଃତାଲାଙ୍କର ଯିଏ ଆରୋଗ୍ୟ ପ୍ରଦାନକାରୀ ଅଟନ୍ତି । ସେ ଯାହା ହେଉ ନା କାହିଁକି ବର୍ତ୍ତମାନ ଆପଣମାନେ ଏହି ଦୁଆ କରନ୍ତୁ କି ଅଲ୍ଲାଃତାଲା କ୍ଷତର ଯେଉଁ ଅନ୍ୟ ପ୍ରଭାବ ରହିଛି ସେଗୁଡ଼ିକୁ ମଧ୍ୟ ଶୀଘ୍ର ଆରୋଗ୍ୟ ଲାଭ କରି ଦିଅନ୍ତୁ । ବର୍ତ୍ତମାନ ଆମେମାନେ ଯେଉଁ ପରିସ୍ଥିତି ଦେଇ ଗତି କରୁଛେ ଏହି ପରିସ୍ଥିତିରେ ବିଶେଷ କରି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସମୀପରେ ନତମସ୍ତକ ହେବା ଉଚିତ୍ । ବିଶେଷ କରି ଏହିଭଳି ପରିସ୍ଥିତିରେ  ଏବଂ ଏହି ଦିନମାନଙ୍କରେ ଅଲ୍ଲାଃତାଲାଙ୍କ ଆଗରେ ମଥାନତ ହେବା ପାଇଁ ଜମାଅତର ଲୋକମାନଙ୍କୁ ବିଶେଷ ଧ୍ୟାନ ଜାତ ହୋଇଛି । ଅଲ୍ଲାଃତାଲାଙ୍କ ବିଶ୍ୱାସରେ ଅଭିବୃଦ୍ଧି ହେଉଅଛି। ତହିଁରେ ପୂର୍ବପେକ୍ଷା ଅଧିକ ଅଭିବୃଦ୍ଧି ଘଟିଛି । ଅଲ୍ଲାଃତାଲାଙ୍କ କୃପା ହେଲା କି ଏହି ଅବଧିରେ ରମଜ଼ାନ ଆସିଗଲା ଏବଂ ସେହିପରି ଭାବରେ ଲକ୍ ଡ଼ାଉନ୍ ନିୟମରେ ମଧ୍ୟ କୋହଳ କରାଯାଇଛି । କିନ୍ତୁ ସର୍ବବୃହତ୍ ଓ ଗୁରୁତ୍ୱପୂର୍ଣ୍ଣ କଥା ଯାହାକି ପ୍ରତ୍ୟେକ ଅହେଦମିକୁ ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ,

ବ୍ୟବସାୟର ଅନୁମତି, ବାହାରକୁ ବାହାରିବାରେ କୋହଳ ଏବଂ କଟକଣା ମୁକ୍ତ ଏବଂ ରମଜ଼ାନ ମାସର ଅତିକ୍ରମ କରିବା କୌଣସି ଅହେମଦିକୁ ଅଲ୍ଲାଃତାଲାଙ୍କର ଉପାସାନା ଏବଂ ଯେଉଁ ପୁଣ୍ୟାବଳୀଗୁଡ଼ି ସେମାନେ ଅବଲମ୍ବନ କରିଥିଲେ, ସେଗୁଡ଼ିକୁ ସମାପ୍ତକାରୀ କିମ୍ବା ତହିଁରେ ନ୍ୟୁନକାରୀ ରୂପେ ନ କରିଦେଉ। ଯେପର୍ଯ୍ୟନ୍ତ ମସଜିଦ୍ ଯିବାରେ କଟକଣା ରହିଛି ସେପର୍ଯ୍ୟନ୍ତ ବାଜମାଅତ୍ ନମାଜ଼୍ (ସାମୂହିକ ନମାଜ଼ ପାଠ) ଘରେ ଜାରି ରଖିବା ଉଚିତ୍ ଏବଂ ଯେତେବେଳେ ମସଜିଦ୍ ଯାବିପାଇଁ ଅନୁମତି ମିଳିଯିବ ସେତେବେଳେ ମସଜିଦକୁ ଲୋକାରଣ୍ୟ ରଖିବାକୁ ନିଜ ଉପରେ ବିଧେୟ ବୋଲି ମନେ କରିବା ଉଚିତ୍ । ମହିଳାମାନେ ଘରେ ନମାଜ଼୍ ପାଠର ବ୍ୟବସ୍ଥା କରନ୍ତୁ । କାରଣ ଛୋଟ ପିଲାମାନେ ଆପଣମାନଙ୍କର ଆଦର୍ଶକୁ ଦେଖି ଅନେକ କଥା ଶିକ୍ଷା କରିବେ, ଅଲ୍ଲାଃତାଲାଙ୍କ ଉପରେ ସେମାନଙ୍କର ବିଶ୍ୱାସ ଏବଂ ଆସ୍ଥା ଦୃଢ଼ ହେବ । ଘରେ କିଛି ସମୟ ବା  କିଛି ମିନିଟ୍ ପାଇଁ ଦରସ୍ ତଦ୍‌ରିସ୍ ବ୍ୟବସ୍ଥା କରନ୍ତୁ । ଯେପରି ଆପଣମାନଙ୍କର ଜ୍ଞାନର ବିକାଶ ହେବ ଏବଂ ଜ୍ଞାନାତ୍ମକ ପରିଚୟ ମଧ୍ୟ ବୃଦ୍ଧି ଘଟିବ । ସେହିପରି ଏମ.ଟି.ଏର କାର୍ଯ୍ୟକ୍ରମଗୁଡ଼ିକୁ ଦେଖିବା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ ।

ହୁଜ଼ୁର୍ ଅନୱର୍ ଅ.ବ କହିଲେ : ଆଜିକାଲି କେତେକ ଲୋକ ହଜ଼ରତ ଖଲିଫତୁଲ୍ ମସିହୁର୍ ରାବେ ର.ଅଙ୍କ ଏକ ପ୍ରବନ୍ଧ "حوادث طبعی یا عذابِ الٰہی"କୁ କରୋନା ଭାଇରସ୍‌ର ସଂକ୍ରାମକ ରୋଗ ବ୍ୟାପିଛି ।  ଏହି ପ୍ରବନ୍ଧ ସହିତ ସାମଞ୍ଜସ୍ୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଯୁଗ ପରେ ବିପତ୍ତି ଏବଂ ପ୍ରଳୟର ସଂଖ୍ୟାରେ ଅଭିବୃଦ୍ଧି ଘଟିଛି ଏବଂ ତତ୍‌ସଂକ୍ରାନ୍ତରେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସ୍ପଷ୍ଟ ରୂପେ ଦର୍ଶାଇଛନ୍ତି ଯେ, ଏହି ବିପତ୍ତି ଆପତ୍ତି ଗୁଡ଼ିକ ଆସିବେ ଏବଂ ପ୍ରଳୟ ମଧ୍ୟ ଅସିବ । କିନ୍ତୁ ଏହିସବୁ ସଂକ୍ରାମକ ରୋଗର ପ୍ରଭାବକୁ ଦେଖିବା ନିମନ୍ତେ ଯେଉଁ ପ୍ରକୃତ ବସ୍ତୁ ରହିଛି ତାହା ହେଉଛି ଯେ, ଏହା ଦ୍ୱାରା ସାଂସାରିକ ଲୋକମାନଙ୍କ ଉପରେ କେଉଁ ପ୍ରଭାବ ପଡୁଅଛି । ସାଂସାରିକ ବ୍ୟକ୍ତିମାନଙ୍କର ଚେତନା ସବୁ ହଜି ଯାଇଛି । ବଡ଼ ବଡ଼ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡ଼ିକର ଅର୍ଥନୈତିକ ଏବଂ ବ୍ୟବସ୍ଥାମାନ ମଧ୍ୟ ଭୁଷୁଡ଼ି ପଡ଼ିଛି ଏବଂ ଏହାର ପ୍ରଭାବରୁ ନିଜ ଜନସାଧାରଣଙ୍କ ଧ୍ୟାନ ହଟାଇବା ପାଇଁ ବା ପରିବର୍ତ୍ତନା ପାଇଁ ସେମାନେ ଯାହା ଚେଷ୍ଟା କରୁଛନ୍ତି ତାହା ଅତ୍ୟନ୍ତ ବିପଦପୂର୍ଣ୍ଣ । ତାହା ସେମାନଙ୍କୁ ଯୁଦ୍ଧ ଏବଂ ଅର୍ଥନୈତିକ ବିପତ୍ତି ଆଡ଼କୁ ଖୋରାକ ଯୋଗାଇ ସେମାନଙ୍କୁ ବିନାଶ ମୁହାଁ କରାଇଛି । ସୁତରାଂ ଏହି ଲୋକମାନେ ଯେ ପର୍ଯ୍ୟନ୍ତ ନିଜ ମଧ୍ୟରେ ପରିବର୍ତ୍ତନ ଆଣିବେ ନାହିଁ, ଯାହା ଦ୍ୱାରା ଉପଦ୍ରବମୂଳକ ଅବସ୍ଥା ଦୂରୀଭୂତ ହେବ । ଗୋଟିଏ ପରେ ଗୋଟିଏ ବିନାଶରେ ଏହି ଲୋକମାନେ ସ୍ୱୟଂ ଶିକାର ହେଉଥିବେ । ଧାର୍ମିକ ତ୍ରୁଟି ବିଚ୍ୟୁତିର ବିଚାର ତ' ପ୍ରଳୟ ଦିବସ ଦିନ ଅଟେ । କିନ୍ତୁ ଉପଦ୍ରବ ଏବଂ କଳହ ଓ ଅନ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରିବା, ସେହିପରି ଅଲ୍ଲାଃତାଲାଙ୍କର ଭକ୍ତମାନଙ୍କ ସହିତ ଉପହାସ କରିବା ଆଦି କଥା ଗୁଡ଼ିକ ଅତ୍ୟନ୍ତ ନିନ୍ଦନୀୟ ଓ ବିଚଳିତମୂଳକ ବିନାଶ ଅଟେ । କିନ୍ତୁ ଆମମାନଙ୍କର କର୍ତ୍ତବ୍ୟ ହେଲା ଆମେମାନେ ଦୁଆ କରିବା ଏବଂ ସଂସାରକୁ ବୁଝାଇବା ଏବଂ ନିଜର ଆଭ୍ୟନ୍ତରୀଣ ଅବସ୍ଥାକୁ ପବିତ୍ର କରିବା । ହଜ଼ରତ ଖଲିଫତୁଲ୍ ମସିହୁର୍ ରାବେ ର.ଅ ଯେଉଁ ପ୍ରବନ୍ଧରେ ଉପରୋକ୍ତ କଥା ଉଲ୍ଲେଖ କରିଛନ୍ତି ତହିଁରେ ଜମାଅତ୍ ଅହେମଦିୟା ପାଇଁ ମଧ୍ୟ ଏକ ସଚେତନମୂଳକ ବାର୍ତ୍ତା ରହିଛି ଏବଂ ତାହା ହେଉଛି ଯେ, ଅହେମଦିୟତ୍‌ର

ବିଷୟ ଏବଂ ପ୍ରସଙ୍ଗକୁ ସୁରକ୍ଷା ଦେବା ଯଥେଷ୍ଟ ନୁହେଁ । ବରଂ ଧର୍ମପରାୟଣତାର ସସର୍ତ୍ତ ମଧ୍ୟ ଲାଗୁ ହୋଇଛି ଏବଂ ଶୁଭସମ୍ବାଦର ଏକ ପକ୍ଷ ରହିଛି ଏବଂ ତାହା ହେଉଛି ଯେ, ଜମାଅତରେ ଯେଉଁ ଚାରିତ୍ରିକ ଦୁର୍ବଳତା, ଅବନତି ଘଟିଛି, ତାହାର ସଂସ୍କାର ପାଇଁ ଜଣେ ଅହେଦମଦି ଅତ୍ୟନ୍ତ ତ୍ୱରାନ୍ୱିତ ଭାବରେ ଚେଷ୍ଟା କରିବ । ଅତଃ ଏହି ଦିନମାନଙ୍କରେ ଯେଉଁ ବିଶେଷ ଧ୍ୟାନ ଜାତ ହୋଇଛି । ତାହାକୁ ବର୍ତ୍ତମାନ ବଳବତ୍ତର ରଖନ୍ତୁ ଏବଂ ନିଜେ ଓ ନିଜ ପିଲାମାନଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦାନ ପ୍ରତି ଦୃଷ୍ଟି ଆକର୍ଷଣ କରନ୍ତୁ । କାରଣ ସଂସାରର ଧ୍ୱଂସ ସାଧନ ହେବା ପରେ ଅଲ୍ଲାଃତାଲା ଆଡ଼କୁ ଏବଂ ଭକ୍ତଙ୍କର କର୍ତ୍ତବ୍ୟ ଅଧିକାର ତଥା ସମ୍ପାଦାନ ପ୍ରତି ଯେତେବେଳେ ସଂସାରର ଦୃଷ୍ଟି ନିବଦ୍ଧ ହେବ ସେତେବେଳେ ଲୋକମାନେ ଜମା୍ତ ଆଡ଼କୁ ହିଁ ଦୃଷ୍ଟିପାତ କରିବା । ଏହାପରେ ସେମାନେ ଅହେମଦି ହେବେ, ଯେଉଁମାନେ ସଂସାରର ସଠିକ୍ ମାର୍ଗଦର୍ଶନ କରିପାରିବେ । କିନ୍ତୁ ଏହା ପୂର୍ବରୁ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ନିକଟରେ ଆକୁଳ ନିବେଦନ ଓ ଦୁଆ କରିବା ଉଚିତ୍ ଯେ, ସେହି ପରିସ୍ଥିତି ନ ଆସୁ ଯେ, ଯେତେବେଳେ ସଂସାର ଏହି ସୀମା ପର୍ଯ୍ୟନ୍ତ ଚାଲିଯାଉ ଯେ, ସେଠାରୁ ଆଲୋକ ଓ ଶାନ୍ତି ଆଡ଼କୁ ଫେରିବାର ସମସ୍ତ ମାର୍ଗ ବନ୍ଦ ହୋଇଯିବ ।

ହୁଜୁର ଅନୱର ଅ.ବ କହିଲେ: ଏହି କଥାରେ ହିଁ ଆମର ସ୍ଥାୟୀତ୍ୱ ରହିଛି ଯେ, ଆଁହଜ଼ରତ୍ ସ.ଅଙ୍କ ସତ୍ୟବାନ୍ ଦାସଙ୍କ ବୈଅତରେ ପ୍ରବେଶ କରି ଆଁହଜ଼ରତ ସ.ଅଙ୍କ ପ୍ରକୃତ ଅନୁକରଣକାରୀଙ୍କ ଗହଣରେ ସାମିଲ୍ ହେବୁ । ନିଜର ନମାଜ଼ରେ ବିଶେଷ ଧ୍ୟାନ ଓ ରୁଚି ଜାତକାରୀ ରୂପେ ବିବେଚିତ ହେବୁ । ଅଲ୍ଲାଃତାଲା ଓ ତାହାଙ୍କ ରସୁଲ ସ.ଅଙ୍କ ଆଦେଶ ଉପରେ ପରିଚାଳିତ ହୋଇ ସର୍ବଦା ନିଜ ଜୀବନକୁ ତାଙ୍କରି ଆଦେଶରେ ପରିଚାଳତି ତଥା ଅତିବାହିତ କରିବୁ । ଅସିରାନେ ରାହେ ମୌଲାଙ୍କ (ଅର୍ଥାତ୍ ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗ କରୁଥିବା ଅହେମଦି) ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ହଜ଼ରତ ମସିହ ମଉଦ୍ ଅ.ସଙ୍କ ଆବିର୍ଭୂତ ହେବାର ଉଦ୍ଦେଶ୍ୟକୁ ଚିହ୍ନଟକାରୀଙ୍କ ମଧ୍ୟରେ ସାମିଲ୍ ହୋଇଯାନ୍ତୁ । ଅଲ୍ଲାଃତାଲା ଓ ତାହାଙ୍କ ରସୁଲ୍ ହଜ଼ରତ ଖାତମୁଲ୍ ଅମ୍ବିୟା ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ପ୍ରେମ ସମସ୍ତ ପ୍ରେମ ଉପରେ ପ୍ରଭାବ ବିସ୍ତାର କରୁ । ଆମେମାନେ ଇସଲାମର ପ୍ରକୃତ ଶିକ୍ଷା ଉପରେ କାର୍ଯ୍ୟାନୁସରଣକାରୀ ରୂପେ ବିବେଚିତ ହେଉ । ଆମମାନଙ୍କର ଘରଗୁଡ଼ିକରେ ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ଏକ ଆଦର୍ଶରେ ପରିଣତ ହେଉ । ସମସ୍ତ **ୱକ୍‌ଫିନେ ଜିନ୍ଦେଗୀ**ଙ୍କ (ଉତ୍ସର୍ଗୀକୃତ ଜୀବନ) ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ନିଃସ୍ୱାର୍ଥପର ହୋଇ ସେବା କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଧର୍ମ ସେବା କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ନିଜ ୱକ୍‌ଫକୁ ସମ୍ପାଦନକାରୀରେ ପରିଣତ ହୁଅନ୍ତୁ । **ୱକ୍‌ଫିନେ 'ନ'**ଙ୍କ ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ନିଜ ଅଭିଭାବକମାନଙ୍କର ଶପଥ ପୂରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଶୁହଦାଏ ଅହେମଦିୟତ୍ ଓ ସେମାନଙ୍କ ପରିବାର ତଥା ବଂଶ ପାଇଁ ଦୁଆ କରନ୍ତୁ । ଦୁଃଖରେ କବଳିତ ବା ଜର୍ଜରିତ ସମସ୍ତ ଅହେମଦିମାନଙ୍କ ପାଇଁ ଦୁଆ କରନ୍ତୁ । ପରସ୍ପର ପାଇଁ ଦୁଆ କରନ୍ତୁ ଏବଂ ନିଜ ପାଇଁ ମଧ୍ୟ ଦୁଆ କରନ୍ତୁ । ଯୁବତୀମାନଙ୍କ ନିର୍ବନ୍ଧ ପାଇଁ ଦୁଆ

କରନ୍ତୁ । ବିଶେଷ କରି ସେହି ଝିଅମାନଙ୍କ ପାଇଁ ଯେଉଁ ଝିଅମାନଙ୍କ କ୍ଷେତ୍ରରେ ନିର୍ବନ୍ଧରେ ଅଯଥା ବିଳମ୍ବ ହେଉଛି ଓ ସମୟ ଗଡ଼ି ଚାଲିଛି ।

ଏହି କରୋନା ପରିସ୍ଥିତିରେ ଏବଂ ଏହାପରେ ଦୁନିଆର ଯେଉଁ ଅର୍ଥନୈତିକ ପରିସ୍ଥିତି ସୃଷ୍ଟି ହେବ ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ତାହାର କୁପ୍ରଭାବରୁ ସୁରକ୍ଷିତ ରହିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏହି ପରିସ୍ଥିତ ଯୋଗୁଁ ଜମାଅତର କାର୍ଯ୍ୟରେ ଏବଂ ଯୋଜନାରେ ମଧ୍ୟ କୌଣସି ବାଧକତା ନ ଉପୁଜୁ ଏବଂ ଅଲ୍ଲାଃତାଲା ନିଜ କୃପା ବଳରେ ଜମାଅତ୍ ପାଇଁ ଉନ୍ନତିର ମାର୍ଗ ପ୍ରଶସ୍ତ କରନ୍ତୁନବ । ଆମିନ୍ । ଏହିଭଳି ପରିସ୍ଥିତିରେ ଆର୍ଥିକ ତ୍ୟାଗ କରୁଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ତାଙ୍କ ଧନ ଜୀବନରେ ବରକତ୍ ପ୍ରଦାନ କରନ୍ତୁ । ଏମ୍.ଟି.ଏର କର୍ମକର୍ତ୍ତାଙ୍କ ଓ କର୍ମଚାରୀଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେଉଁମାନେ ଭଲେଣ୍ଟିଆର୍ ଅର୍ଥାତ୍ ସ୍ୱେଚ୍ଛାକୃତ କର୍ମଚାରୀ ଅଛନ୍ତି, ସେମାନେ କଠୋର ପରିଶ୍ରମ କରି ସେବା ଯୋଗାଇ ଆସୁଛନ୍ତି ଏବଂ ଇସଲାମର ବାର୍ତ୍ତା ପୃଥିବୀରେ ପ୍ରଚାର ତଥା ପ୍ରସାର କରୁଛନ୍ତି । ସମଗ୍ର ଇସାଲମ୍ ଧର୍ମାବଲମ୍ବୀଙ୍କ ପାଇଁ ଦୁଆ କରନ୍ତୁ ଯେ, ସେମାନଙ୍କ ଗୃହଯୁଦ୍ଧର ଅବସାନ ଘଟୁ ଏବଂ ଶାନ୍ତି ଓ ସ୍ୱାସ୍ଥ୍ୟକର ବାତାବରଣ ସ୍ଥାପିତ ହେଉ ଏବଂ ଇସଲାମୀୟ ବିରୁଦ୍ଧୀୟ ଶତ୍ରୁର କୁଶକ୍ତିରୁ ଅଲ୍ଲାଃତାଲା ସୁରକ୍ଷିତ ରଖନ୍ତୁ । ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ସେମାନଙ୍କର ଗୃହଯୁଦ୍ଧ ଓ ପାରସ୍ପାରିକ ମତଭେଦର ଅବସାନ ଘଟିବ । ଅନ୍ୟ କେତେକ ଦୁଆ ମଧ୍ୟ ରହିଛି ଯାହାକୁ ମୁଁ ବର୍ତ୍ତମାନ ପାଠ କରିବି, ଆପଣମାନେ ସମସ୍ତେ ସେହି ଦୁଆଗୁଡ଼ିକୁ ମୋ ସହିତ ପୁନରାବୃତ୍ତି କରୁ ଥାଆନ୍ତୁ ।

اَللّٰهُمَّ اِنَّا نَجْعَلُكَ فِىْ نُحُوْرِهِمْ وَ نَعُوْذُ بِكَ مِنْ شُرُوْرِهِمْ۔ ଅର୍ଥାତ୍ଆମେମାନେ ତୁମ୍ଭକୁ ସେମାନଙ୍କର ହୃଦୟରେ ସ୍ଥାନିତ କରୁ ଅର୍ଥାତ୍ ତୁମ୍ଭର ଭୟ ସେମାନଙ୍କ ହୃଦୟରେ ଭରିଯାଉ ଏବଂ ଆମ୍ଭେ ସେମାନଙ୍କର ଅପକର୍ମରୁ ତୁମ୍ଭର ଶରଣଭିକ୍ଷା କରୁଅଛୁ ।

لَا اِلٰهَ اِلَّا اللّٰهُ الْعَظِيْمُ لَا اِلٰهَ اِلَّا اللّٰه رَبُّ الْعَرْشِ الْعَظِيْمِ لَا اِلٰهَ اِلَّا اللّٰهُ رَبُّ السَّمٰوٰتُ وَ رَبُّ الْاَرْضُ وَ رَبُّ الْعَرْشِ الْكَرِيْمُ۔
ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ସେ ମହାନ୍ ଏବଂ ଅତ୍ୟନ୍ତ ଶାନ୍ତ ତଥା ସହନଶୀଳ ଅଟନ୍ତି । ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହନ୍ତି । ସେ ହିଁ ଆକାଶର ପ୍ରଭୁ ଅଟନ୍ତି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହନ୍ତି ଯିଏ ଆକାଶ ଏବଂ ପାତାଳ ଏବଂ ମହାକାଶର ଈଶ୍ୱର ଅଟନ୍ତି ।

يَا مُقَلِّبَ الْقُلُوْبُ ثَبِّتْ قَلْبِىْ عَلٰى دِيْنِكَ۔ ଅର୍ଥାତ୍ ହେ ହୃଦୟ ପରିବର୍ତ୍ତନାକାରୀ ! ମୋ ହୃଦୟକୁ ତୁମ୍ଭ ଧର୍ମ ଉପରେ ଅଟଳ ରଖ ।

اَللّٰهُمَّ اِنِّىْ اَسْأَلُكَ الْهُدٰى وَ التُّقٰى وَ الْعِفَافَةُ وَ الْغِنٰى۔ ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ସନ୍ମାର୍ଗ, ଧର୍ମପରାୟଣତା ବା ଧର୍ମନିଷ୍ଠତା ଏବଂ ପ୍ରାଚୁର୍ଯ୍ୟତା ଭିକ୍ଷା କରେ ।

اَللّٰهُمَّ اِنِّىْ اَعُوْذُبِكَ مِنْ زَوَالِ نِعْمَتِكَ وَ تَحُوْلُ عَافِيَتِكَ وَ فُجَاةُ حِكْمَتِكَ وَ جَمِيْعِ سَخَتِكَ۔ ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମ୍ଭର ନେମତର (ପୁରସ୍କାରର) ସମାପ୍ତ ବା ନଷ୍ଟ ହୋଇଯିବା, ତୁମ୍ଭର ଶାନ୍ତି ବା ସୁରକ୍ଷାର ହଟି ଯିବା, ତୁମ୍ଭର ହଠାତ୍ ଶାସ୍ତି ଏବଂ ସେହି ସମସ୍ତ କଥାରୁ ତୁମ୍ଭର ଶରଣଭିକ୍ଷା କରୁଛି ଯହିଁରୁ ତୁମ୍ଭେ କ୍ଷୁବ୍ଧ ହୋଇଥାଅ ।

رَبَّنَا ظَلَمْنَا اَنْفُسَنَا وَ اِنْ لَّمْ تَغْفِرْ لَنَا وَ تَرْحَمْنَا لَنَكُوْنَنَّ مِنَ الْخٰسِرِیْنَ۔ رَبَّنَا ظَلَمْنَا اَنْفُسِنَا وَ اِنْ لَّمْ تَغْفِرْ لَنَا وَ تَرْحَمْنَا لَنَكُوْنَنَّ مِنَ الْخٰسِرِیْنَ۔ - ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମ୍ଭେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନ କରିବ, ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ ।

رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَیْتَنَا وَهَبْ لَنَا مِنْ لَّدُنْكَ رَحْمَةً اِنَّكَ اَنْتَ الْوَهَّابُ۔ ଅର୍ଥାତ୍ ହେ ଆମମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ଆମ୍ଭମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମ୍ଭମାନଙ୍କ ହୃଦୟକୁ କୁଟିଳ କର ନାହିଁ ଏବଂ ତୁମ୍ଭ ନିକଟରୁ ଆମ୍ଭମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମ୍ଭେ ହିଁ ମହାନ୍ ।

رَبَّنَا اٰتِنَا فِی الدُّنْیَا حَسَنَةً وَّ فِی الْاٰخِرَةِ حَسَنَةً وَّقِنَا عَذَابَ النَّارِ۔ ଅର୍ଥାତ୍ ହେ ଆମମାନଙ୍କ ପାଳକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ଏହି ପୃଥିବୀରେ ହିଁ ସଫଳତା ପ୍ରଦାନ କର ଓ ପରକାଳରେ ମଧ୍ୟ ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷା କର ।

ସେହିପରି ହଜ଼ରତ ମସିହ୍ ମଉଦ୍ ଅ.ସଙ୍କର ମଧ୍ୟ ଗୋଟିଏ ଦୁଆ ରହିଛି ଯେ, *"ହେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା ମୁଁ ତୁମ୍ଭ ଉପକାରର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । ତୁମ୍ଭେ ଅତ୍ୟନ୍ତ ଦୟାବାନ୍ ଏବଂ ଉଦାରଶୀଳ । ତୁମ୍ଭର ଅସଂଖ୍ୟ ଉପକାର ମୋ ଉପରେ ରହିଛି । ମୋହର ପାପକୁ ତୁମ୍ଭେ କ୍ଷମା କର। କାରଣ ମୁଁ ଯେପରି ଧ୍ୱଂସ ନ ହୋଇଯାଏ । ମୋ ହୃଦୟରେ ତୁମ୍ଭର ଖାଣ୍ଟି ପ୍ରେମ ଭରି ଦିଅ ଯେ, ମୋତେ ଯେପରି ଜୀବନ ପ୍ରାପ୍ତ ହେଉ ଏବଂ ମୋର ଦୋଷକୁ ଲୁଚାଇଦିଅ ଏବଂ ମୋ ଦ୍ୱାରା ଏଭଳି କର୍ମ କରାଅ, ଯାହାଦ୍ୱାରା ବା ଯେଉଁ କର୍ମ ଦ୍ୱାରା ତୁମ୍ଭେ ପ୍ରସନ୍ନ ହୋଇଥାଅ । ମୁଁ ତୁମ୍ଭର ସମ୍ମାନିତ ମୁଖ ସହିତ ଏହି କଥାରୁ ବି ଶରଣ ଭିକ୍ଷା କରୁଛି ଯେ, ତୁମ୍ଭର କୋପଶାସ୍ତି ମୋ ଉପରେ ଅବତୀର୍ଣ୍ଣ ହେବ । ଦୟା କର ହେ ଅଲ୍ଲାଃ ! ଦୟା କର ହେ ଅଲ୍ଲାଃ ! ଏବଂ ମୋତେ ଇହକାଳ ଓ ପରାକାଳର ବିପତ୍ତିରୁ ରକ୍ଷାକର । କାରଣ ପ୍ରତ୍ୟେକ କୃପା ଏବଂ କରୁଣା ତୁମ୍ଭ ହସ୍ତରେ ରହିଛି। ଆମିନ୍ ।"*

اَللّٰھُمَّ صَلِّ عَلٰی مُحَمَّدٍ وَ عَلٰی اٰلِ مُحَمَّدٍ کَمَا صَلَّیْتَ عَلٰی اِبْرَاھِیْمَ وَ عَلٰی اٰلِ اِبْرَاھِیْمَ اِنَّکَ حَمِیْدٌ مَّجِیْدٌ۔ اَللّٰھُمَّ بَارِکْ عَلٰی مُحَمَّدٍ وَ عَلٰی اٰلِ مُحَمَّدٍ کَمَا بَارَکْتَ عَلٰی اِبْرَاھِیْمَ وَ عَلٰی اٰلِ اِبْرَاھِیْمَ اِنَّکَ حَمِیْدٌ مَّجِیْدٌ۔

ଉକ୍ତ ପବିତ୍ର ରମଜ଼ାନ୍ ମାସର ଏହା ହେଉଛି ଶେଷ ଜୁମା । ଅଲ୍ଲାଃତାଲା ଏହି ପବିତ୍ର ଧାର୍ମିକ ମାସରେ ଆମମାନଙ୍କ ଦ୍ୱାରା ଯେଉଁସବୁ ପୁଣ୍ୟ କାର୍ଯ୍ୟ ସମ୍ପାଦିତ ହୋଇଛି କିମ୍ବା ଆମେମାନେ ନିଜ ମଧ୍ୟରେ ଯେଉଁ ପରିବର୍ତ୍ତନ ସୃଷ୍ଟି କରିଛୁ ସେଗୁଡ଼ିକୁ ବଳବତ୍ତର ରଖିବା ପାଇଁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ରମଜ଼ାନ ମାସର ଏହି ଦୁଆ ମଧ୍ୟ ଆମ ପକ୍ଷରେ ପୂର୍ଣ୍ଣ ହେଉ ।ଆମିନ୍ ।

.....................................

KHULASA KHUTBA JUMA HUZOOR ANWAR a.b.a
22Th MAY 2020

.........................